## ସପ୍ତମ ଅଧ୍ୟାୟ



# ଭାରତ: ଅବସ୍ଥିତି ଓ ପ୍ରାକୃତିକ ବିଭାଗ

ଆମ ମାତୃଭୂମି ଭାରତ ଏକ ବିଶାଳ ଦେଶ। ଏହାର ଉତ୍ତରରେ ସୁଉଚ୍ଚ ହିମାଳୟ ପର୍ବତମାଳା, ପଶ୍ଚିମରେ ଆରବ ସାଗର, ପୂର୍ବରେ ବଙ୍ଗୋପସାଗର ଓ ଦକ୍ଷିଣରେ ଭାରତ ମହାସାଗର ଅବସ୍ଥିତ। ଏହାର ଦକ୍ଷିଣାଂଶ ଏକ ଉପଦ୍ୱୀପ।

**ଉପଦ୍ୱୀପ**

ତିନି ପାର୍ଶ୍ୱରେ ଜଳରାଶି ଘେରି ରହିଥିବା ପ୍ରାକୃତିକ ଭୂଭାଗକୁ ଉପଦ୍ୱୀପ କୁହାଯାଏ।

ଭାରତର ସମୁଦାୟ କ୍ଷେତ୍ରଫଳ ୩.୨୮ ନିୟୁତ ବର୍ଗ କିଲୋମିଟର। ଏହା ପୃଥିବୀରେ ସପ୍ତମ ବୃହତ୍ତମ ଦେଶ । ଏହା ଏସିଆ ମହାଦେଶର ଦକ୍ଷିଣ ଭାଗରେ ଏବଂ ବିଷୁବରେଖାର ଉତ୍ତରରେ ଅବସ୍ଥିତ। ତେଣୁ ଭାରତ ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ। କର୍କଟକ୍ରାନ୍ତି ଏହାର ମଧ୍ୟଭାଗ ଦେଇ ଯାଇଛି । ଭାରତର ମୁଖ୍ୟ ଭୂଭାଗ ୮°୪' ଉତ୍ତର ଅକ୍ଷାଂଶରୁ ୩୭°୬' ଉତ୍ତର ଅକ୍ଷାଂଶ ମଧ୍ୟରେ ଏବଂ ୬୮°୭' ପୂର୍ବ ଦ୍ରାଘିମାରୁ ୯୭°୨୫' ପୂର୍ବ ଦ୍ରାଘିମା ମଧ୍ୟରେ ବିସ୍ତୃତ। ଗ୍ରୀନିଚ୍ ମୂଳଦ୍ରାଘିମା ଅନୁସାରେ ଏହା ପୂର୍ବ ଗୋଲାର୍ଦ୍ଧରେ ଅବସ୍ଥିତ। ଗ୍ରେଟ୍‌ନିକୋବର ଦକ୍ଷିଣରେ ୬°୫୦' ଉତ୍ତର ଅକ୍ଷାଂଶରେ ଅବସ୍ଥିତ **ଇନ୍ଦିରା ପଏଣ୍ଟ** ଭାରତର ଦକ୍ଷିଣତମ ସ୍ଥାନ।

**ପୃଥିବୀର ବଡ଼ ବଡ଼ ଦେଶ**


ପୃଥିବୀର ଅନ୍ୟ ଛଅଟି ବଡ଼ ବଡ଼ ଦେଶଗୁଡ଼ିକ ହେଲା- ରୁଷିଆ, କାନାଡା, ଚୀନ୍, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରାଜିଲ୍ ଓ ଅଷ୍ଟ୍ରେଲିଆ।

### ଭାରତର ଅବସ୍ଥିତି

ଭାରତର ଉତ୍ତରରେ ଜାମ୍ମୁ କାଶ୍ମୀର ରାଜ୍ୟ ଓ ଦକ୍ଷିଣରେ ତାମିଲନାଡୁ ରାଜ୍ୟ ଅବସ୍ଥିତ। ସେହିପରି ପୂର୍ବରେ ଅରୁଣାଚଳ ପ୍ରଦେଶ ଓ ପଶ୍ଚିମରେ ଗୁଜୁରାଟ ରାଜ୍ୟ ଅବସ୍ଥିତ। କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତର ଉତ୍ତର-ଦକ୍ଷିଣ ଦୂରତା ୩୨୧୪ କିଲୋମିଟର ଏବଂ ଅରୁଣାଚଳ ପ୍ରଦେଶରୁ ଗୁଜୁରାଟର କଚ୍ଛ ପର୍ଯ୍ୟନ୍ତ ପୂର୍ବ-ପଶ୍ଚିମ ଦୂରତା ୨୯୩୩ କିଲୋମିଟର।

ଆମ ଦେଶର ପୂର୍ବ ଓ ପଶ୍ଚିମ ପ୍ରାନ୍ତ ମଧ୍ୟରେ ଦ୍ରାଘିମାଗତ ଦୂରତା ପ୍ରାୟ ୨୯°ରୁ ଅଧିକ । ତେଣୁ ପୂର୍ବ ଓ ପଶ୍ଚିମ ପ୍ରାନ୍ତର ସ୍ଥାନୀୟ ସମୟରେ ପ୍ରାୟ ଦୁଇ ଘଣ୍ଟା ପାର୍ଥକ୍ୟ ଦେଖାଯାଏ। ଆମେ ପୂର୍ବ ପାଠରେ ପଢ଼ିଛେ ଯେ ପ୍ରତି ଏକ ଡିଗ୍ରୀ ଦ୍ରାଘିମା ପାଇଁ ୪ମିନିଟ୍ ସମୟ ପାର୍ଥକ୍ୟ ରହିଥାଏ। ଏଥିପାଇଁ ଅରୁଣାଚଳ ପ୍ରଦେଶରେ ଗୁଜୁରାଟ ତୁଳନାରେ ଦୁଇ ଘଣ୍ଟା ଆଗରୁ ସୂର୍ଯ୍ୟୋଦୟ ହୋଇଥାଏ। ଆଲ୍‌ହାବାଦ ନିକଟରେ ଯାଇଥିବା ୮୨°୩୦' ପୂର୍ବ ଦ୍ରାଘିମା ରେଖାର ସ୍ଥାନୀୟ ସମୟକୁ

ଆମ ଦେଶର ପ୍ରମାଣ ସମୟ ରୂପେ ନିଆଯାଇଛି । ସେଥିପାଇଁ ଏହି ଦ୍ରାଘିମା ରେଖାକୁ **ଭାରତର ପ୍ରମାଣ ଦ୍ରାଘିମା ରେଖା** କୁହାଯାଏ ।



**ତୁମେ ଜାଣିଛ କି ?**

ପୂର୍ବ ପଶ୍ଚିମ ଦିଗରେ ଅଧିକ ବିସ୍ତାର ଲାଭ କରିଥିବା ବଡ଼ ବଡ଼ ଦେଶଗୁଡ଼ିକରେ ପ୍ରମାଣ ଦ୍ରାଘିମା ରେଖା ଗୋଟିଏ ନୁହେଁ । ଯୁକ୍ତରାଷ୍ଟ୍ର ଆମେରିକାରେ ୬ଟି ଓ କାନାଡ଼ାର ୬ଟି ପ୍ରମାଣ ସମୟ ଅଞ୍ଚଳ ରହିଛି ।

ଭାରତ ଭଳି ବିଶାଳ ଦେଶରେ ଉଭୟ ପ୍ରାକୃତିକ ଓ ସାଂସ୍କୃତିକ ବିଭିନ୍ନତା ରହିବା ସ୍ୱାଭାବିକ । ସୁଉଚ୍ଚ ହିମାଳୟ ପର୍ବତମାଳା, ବୃହତ୍ ଭାରତୀୟ ମରୁଭୂମି, ଉତ୍ତରସ୍ଥ ସମତଳଭୂମି, ଅସମାନ ଦକ୍ଷିଣ ଭାରତ ମାଳ ଅଞ୍ଚଳ ଭାରତର ଭୂମିରୂପରେ ବିବିଧତା ଆଣିଥାଆନ୍ତି । ଜଳବାୟୁ, ବୃକ୍ଷଲତା, ଜୀବଜନ୍ତୁ ଏବଂ ଲୋକଙ୍କ ଭାଷା ଓ ଚାଲିଚଳଣିରେ ମଧ୍ୟ ବିବିଧତା ଦେଖାଯାଏ । ତେବେ ବିଭିନ୍ନତାରେ ଏକତା ଆମ ଦେଶର ବିଶେଷତ୍ୱ । ଭାରତୀୟ ପରମ୍ପରା ହିଁ ଆମକୁ ଏକ ଜାତି ଭାବେ ବାନ୍ଧିରଖିଛି । ୨୦୧୧ ମସିହାରେ ଭାରତର ଜନସଂଖ୍ୟା ଏକ ଶହ ଏକୋଇଶି କୋଟିରେ ପହଞ୍ଚିଛି । ଚୀନ୍ ପଛକୁ ଭାରତ ପୃଥିବୀର ଦ୍ୱିତୀୟ ଜନବହୁଳ ଦେଶ ।

## ପଡୋଶୀ ଦେଶ

ଭାରତର ଉତ୍ତରରେ ଚୀନ୍, ନେପାଳ ଓ ଭୁଟାନ, ପୂର୍ବରେ ମିଆଁମାର ଓ ବାଂଲାଦେଶ, ଦକ୍ଷିଣରେ ଶ୍ରୀଲଙ୍କା, ପଶ୍ଚିମରେ ପାକିସ୍ଥାନ ଏବଂ ଉତ୍ତର-ପଶ୍ଚିମରେ ଆଫଗାନିସ୍ଥାନ ଅବସ୍ଥିତ । ଦ୍ୱୀପଗୁଡ଼ିକର ତଟରେଖା ସହିତ ଏହାର ପ୍ରାୟ ୧୫,୦୦୦ କି.ମି. ସ୍ଥଳ ସୀମାରେଖା ଓ ପ୍ରାୟ ୮,୦୦୦ କି.ମି. ତଟରେଖା ରହିଛି । (ପୂର୍ବ ପୃଷ୍ଠାରେ ଥିବା ଭାରତର ଅବସ୍ଥିତି ମାନଚିତ୍ରକୁ ଦେଖ ।)ଏହି ତଟରେଖା ପ୍ରାୟ ଦନ୍ତୁରିତ ନୁହେଁ । ତେଣୁ ଉପକୂଳରେ କମ୍ ପ୍ରାକୃତିକ ପୋତାଶ୍ରୟ ଦେଖାଯାଏ ।

ଶ୍ରୀଲଙ୍କା ଓ ମାଳଦ୍ୱୀପ ଆମର ନିକଟତମ ଦରିଆପାରି ପଡୋଶୀ ରାଷ୍ଟ୍ର । ମାନ୍ନାର ଉପସାଗରରେ ଅବସ୍ଥିତ ପକ୍ ପ୍ରଣାଳୀ ଦ୍ୱାରା ଶ୍ରୀଲଙ୍କା ଭାରତ ଠାରୁ ବିଚ୍ଛିନ୍ନ ହୋଇଛି ।


## ପ୍ରଶାସନିକ ବିଭାଗ

ଭାରତ ଏକ ବିଶାଳ ଦେଶ ହୋଇଥିବାରୁ ପ୍ରଶାସନିକ ସୁବିଧା ପାଇଁ ଏହାକୁ ୨୮ଟି ରାଜ୍ୟ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଛି । (ପରିଶିଷ୍ଟ -୧ ଦେଖ) ରାଜ୍ୟଗୁଡ଼ିକୁ ମୁଖ୍ୟତଃ ଭାଷା ଭିତ୍ତିରେ ଗଠନ କରାଯାଇଛି । ନୂଆଦିଲ୍ଲୀ ଭାରତର ରାଜଧାନୀ ।

କ୍ଷେତ୍ରଫଳ ଦୃଷ୍ଟିରୁ ରାଜସ୍ଥାନ ସବୁଠାରୁ ବଡ଼ ଓ ଗୋଆ ସବୁଠାରୁ ଛୋଟ ରାଜ୍ୟ । ପ୍ରତ୍ୟେକ ରାଜ୍ୟକୁ କେତେଗୋଟି ଜିଲ୍ଲାରେ ଏବଂ ପ୍ରତ୍ୟେକ ଜିଲ୍ଲାକୁ କେତେଗୋଟି ସବ୍‌ଡିଭିଜନ୍ (ଉପଖଣ୍ଡ)ରେ ବିଭକ୍ତ କରାଯାଇଛି । ପର ପୃଷ୍ଠାରେ ଥିବା ଭାରତର ରାଜନୀତିକ ମାନଚିତ୍ରକୁ ଦେଖ ।


ଭାରତ:ରାଜନୀତିକ
N
ଜାମ୍ମୁ ଓ କାଶ୍ମୀର
ହିମାଚଳ ପ୍ରଦେଶ
ପଞ୍ଜାବ
ହରିୟାନା
ଉତ୍ତରାଖଣ୍ଡ
ପାକିସ୍ଥାନ
ଚୀନ୍
ନେପାଳ
ରାଜସ୍ଥାନ
ଉତ୍ତର ପ୍ରଦେଶ
ବିହାର
ସିକିମ୍
ଭୂଟାନ
ଅରୁଣାଚଳ ପ୍ରଦେଶ
ଆସାମ
ନାଗାଲାଣ୍ଡ
ମେଘାଳୟ
ବାଂଲାଦେଶ
ମଣିପୁର
ମିଆଁମାର
ତ୍ରିପୁରା
ମିଜୋରାମ
ଝାଡ଼ଖଣ୍ଡ
ପଶ୍ଚିମବଙ୍ଗ
ଗୁଜରାଟ
ମଧ୍ୟ ପ୍ରଦେଶ
ଛତିଶଗଡ଼
ଓଡ଼ିଶା
ଡାମନ ଓ
ଡିଉ
ଦାଦ୍ରା ଓ
ନଗରହାଭେଲୀ
ମହାରାଷ୍ଟ୍ର
ଆନ୍ଧ୍ରପ୍ରଦେଶ
ଗୋଆ
କର୍ଣ୍ଣାଟକ
ଆରବ
ସାଗର
ଲାକ୍ଷାଦ୍ୱୀପ
କାଭାରାତି
ପୁଡୁଚେରୀ
କେରଳ
ତାମିଲନାଡୁ
ବଙ୍ଗୋପ
ସାଗର
ଆଣ୍ଡାମାନ
ନିକୋବର
ଦ୍ୱୀପପୁଞ୍ଜ
ଶ୍ରୀଲଙ୍କା
ଭାରତ
ମହାସାଗର
0
1000 km

# ପ୍ରାକୃତିକ ବିଭାଗ



ଭାରତ ପ୍ରାକୃତିକ
N
ଟ୍ରାନ୍ସ ହିମାଳୟ
K2
ସିନ୍ଧୁନଦୀ
ନନ୍ଦାଦେବୀ
ଥର
ଉତ୍ତର ଭାରତ ସମତଳଭୂମି
ଗଙ୍ଗା
କାଞ୍ଚନଜଙ୍ଘା
ଶିଲଂ ମାଳଭୂମି
କର୍କଟକ୍ରାନ୍ତି
ଗୁରୁ ଶିଖର
ବୁନ୍ଦେଲଖଣ୍ଡ ମାଳଭୂମି
ବଘେଲଖଣ୍ଡ ମାଳଭୂମି
ମାଳବ ମାଳଭୂମି
ବିନ୍ଧ୍ୟ ପର୍ବତଶ୍ରେଣୀ
ଛୋଟନାଗପୁର ମାଳଭୂମି
ସୁନ୍ଦରବନ
ସାତପୁରା ପର୍ବତଶ୍ରେଣୀ
ଡେକାନ ମାଳଭୂମି
ବସ୍ତର ମାଳଭୂମି
ମହେନ୍ଦ୍ରଗିରି
ଉତ୍ତର ଡେକାନ
ଦକ୍ଷିଣ ଡେକାନ
ଆରବ ସାଗର
ବଙ୍ଗୋପସାଗର
ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ
ଲାକ୍ଷାଦ୍ୱୀପ
ଶ୍ରୀଲଙ୍କା
ଭାରତ ମହାସାଗର
ମିଟର
8000
6000
3000
1500
1000
600
300
150
0
1000 km

ଭାରତରେ ଭିନ୍ନ ଭିନ୍ନ ପ୍ରକାରର ଭୂମିରୂପ ଦୃଷ୍ଟିଗୋଚର ହୁଏ । ସ୍ଥାନ ବିଶେଷରେ ପର୍ବତ, ମାଳଭୂମି, ସମତଳଭୂମି, ଉପକୂଳବର୍ତ୍ତୀ ସମତଳଭୂମି ଓ ଦ୍ୱୀପମାନ ଦେଖାଯାଏ । ହିମାଳୟ ପର୍ବତମାଳା ଭାରତର ଉତ୍ତର ସୀମାରେଖା ନିର୍ଦ୍ଧାରଣ କରୁଛି । ଏହାର ଅଧିକାଂଶ ଶୃଙ୍ଗ ବର୍ଷସାରା ବରଫାବୃତ୍ତ ରହେ । ସେଥିପାଇଁ ଏହାକୁ ହିମ + ଆଳୟ ଅର୍ଥାତ୍ **'ବରଫର ଘର'** ବୋଲି କୁହାଯାଏ । ଚାରିଗୋଟି ସମାନ୍ତରାଳ ପର୍ବତଶ୍ରେଣୀକୁ ନେଇ ହିମାଳୟ ପର୍ବତମାଳା ଗଠିତ । ଏଗୁଡ଼ିକୁ ତରୁଣ ଭଙ୍ଗିଳ ପର୍ବତମାଳା କୁହାଯାଏ । ଏଗୁଡ଼ିକ ହେଲା **ଟ୍ରାନ୍ସ ହିମାଳୟ, ଉଚ୍ଚ ହିମାଳୟ** ବା **ହିମାଦ୍ରି, କ୍ଷୁଦ୍ର ହିମାଳୟ** ବା **ହିମାଚଳ** ଓ **ସିୱାଲିକ୍** । ଟ୍ରାନ୍ସ ହିମାଳୟ ଜାମ୍ମୁ ଓ କାଶ୍ମୀରର ଉତ୍ତର-ପଶ୍ଚିମ ଭାଗରେ ଅବସ୍ଥିତ ।  $K_2$ ବା ଗଡ଼ୱିନ ଅଷ୍ଟିନ୍ ଏହାର ସର୍ବୋଚ୍ଚ ଶୃଙ୍ଗ । ଜାମ୍ମୁ ଓ କାଶ୍ମୀରରୁ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ହିମାଳୟର ଉତ୍ତରାଂଶରେ ଉଚ୍ଚ ହିମାଳୟ ଅବସ୍ଥିତ । ଏହା ହିମାଳୟର ଉଚ୍ଚତମ ପର୍ବତଶ୍ରେଣୀ । ଏଥିରେ ପୃଥିବୀର ଉଚ୍ଚତମ ଶୃଙ୍ଗ ଏଭେରେଷ୍ଟ (ନେପାଳରେ) ଅବସ୍ଥିତ । ଏଭେରେଷ୍ଟ ସମେତ ଅନେକ ଉଚ୍ଚ ଗିରିଶୃଙ୍ଗ ଏଥିରେ ରହିଛି । **କାଞ୍ଚନଜଙ୍ଘା ହିମାଳୟ ଅନ୍ତର୍ଗତ ଭାରତର ଉଚ୍ଚତମ ଶୃଙ୍ଗ ।** ସିକିମ୍‌ରେ ଅବସ୍ଥିତ କାଞ୍ଚନଜଙ୍ଘା ଅନ୍ୟ ଏକ ଉଚ୍ଚତମ ଶୃଙ୍ଗ । ଉଚ୍ଚ ହିମାଳୟର ଦକ୍ଷିଣକୁ କ୍ଷୁଦ୍ର ହିମାଳୟ ଅବସ୍ଥିତ । ଉଚ୍ଚ ହିମାଳୟ ତୁଳନାରେ ଏହାର ଉଚ୍ଚତା ଅପେକ୍ଷାକୃତ କମ୍ । ହିମାଚଳ ପ୍ରଦେଶର ରାଜଧାନୀ ଓ ଭାରତର ଏକ ପ୍ରମୁଖ  ଶୈଳନିବାସ ସିମଳା ଏହି ପର୍ବତମାଳା ଉପରେ ଅବସ୍ଥିତ । ପ୍ରତି ବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏହି ଶୈଳନିବାସଗୁଡ଼ିକୁ ଆସିଥାନ୍ତି । ଭାରତର ଅନ୍ୟ ପାଞ୍ଚଗୋଟି ଶୈଳନିବାସର ନାମ ଖୋଜି ବାହାର କର । ସିୱାଲିକ୍ ହିମାଳୟର ଦକ୍ଷିଣତମ ପର୍ବତଶ୍ରେଣୀ । ଏହା କମ୍ ଉଚ୍ଚତା ବିଶିଷ୍ଟ ଏବଂ ଏହା ହିମାଳୟର ପାଦଦେଶରେ ଅବସ୍ଥିତ । ଏଥିରେ  ଡ଼େରାଡୁନ୍ ଅବସ୍ଥିତ ।

**ତୁମେ ଜାଣିଛ କି ?**

ଉଭୟ ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀ ଦ୍ୱାରା ପୃଥିବୀର ବୃହତ୍ତମ ତ୍ରିକୋଣଭୂମି-ସୁନ୍ଦରବନ ତ୍ରିକୋଣଭୂମି ସୃଷ୍ଟି ହୋଇଛି । ତ୍ରିକୋଣଭୂମି ଏକ ତ୍ରିକୋଣାକାର କ୍ଷେତ୍ରକୁ ବୁଝାଏ । ଏହା ନଦୀ ମୁହାଣରେ ସୃଷ୍ଟ ସଞ୍ଚୟଜନିତ ଭୂମିରୂପ । ନଦୀ ଯେଉଁଠି ସମୁଦ୍ର ସହ ମିଳିତ ହୁଏ ତାକୁ ନଦୀ ମୁହାଣ କୁହାଯାଏ ।

ହିମାଳୟ ପର୍ବତମାଳାର ଦକ୍ଷିଣକୁ ଉତ୍ତର ଭାରତ ସମତଳଭୂମି ଅବସ୍ଥିତ । ଏହା ଏକ ବିସ୍ତୃତ ସମତଳ ଅଞ୍ଚଳ । ଏହାର ଉଚ୍ଚତା ସମୁଦ୍ରପତ୍ତନରୁ ୩୦୦ ମିଟର ମଧ୍ୟରେ । ଗଙ୍ଗା, ସିନ୍ଧୁ ଓ ବ୍ରହ୍ମପୁତ୍ର ନଦୀ ଓ ଏମାନଙ୍କର ଉପନଦୀ ଦ୍ୱାରା ସଞ୍ଚିତ ପଟୁମାଟି ଦ୍ୱାରା ଏହି ସମତଳଭୂମି ଗଠିତ ହୋଇଛି । ପଞ୍ଜାବ, ହରିଆନା, ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଂଗ ଓ ଆସାମର ସମତଳଭୂମି ଏହାର ଅନ୍ତର୍ଗତ । ଏହା ଅଧିକ ଉର୍ବର ଓ କୃଷି ଉପଯୋଗୀ । ସେଥିପାଇଁ ଏହି ଅଞ୍ଚଳରେ ଘନ ଜନବସତି ଦେଖାଯାଏ । ଏହି ସମତଳ ଅଞ୍ଚଳର ପଶ୍ଚିମରେ ବୃହତ୍ ଭାରତୀୟ ମରୁଭୂମି **ଥର୍** ଅବସ୍ଥିତ ।ଏହା ଶୁଷ୍କ, ଉତ୍ତପ୍ତ ଓ ବାଲୁକାମୟ । ଏଠାରେ କଣ୍ଟାଜାତୀୟ ଗୁଳ୍ମ ଦେଖାଯାଏ ।

**ପଟୁ ମୃତ୍ତିକା**

ନଦୀ ଦ୍ୱାରା ଆନୀତ ଅତି ସୂକ୍ଷ୍ମ ଶିଳାରେଣୁ  ନଦୀକୂଳ ଅଞ୍ଚଳରେ ସଞ୍ଚିତ ହୋଇ ସୃଷ୍ଟି କରୁଥିବା ମୃତ୍ତିକାକୁ ପଟୁ ମୃତ୍ତିକା କୁହାଯାଏ ।

**ଉପନଦୀ**

ମୁଖ୍ୟ ନଦୀକୁ  ଉଭୟ ପାର୍ଶ୍ୱରୁ ଜଳ ଯୋଗାଉଥିବା ନଦୀ ବା ଝରଣାକୁ ଉପନଦୀ କୁହାଯାଏ ।

ଉତ୍ତର ଭାରତ ସମତଳଭୂମିର ଦକ୍ଷିଣରେ ଦକ୍ଷିଣ ଭାରତ ମାଳଭୂମି ଅଞ୍ଚଳ ଅବସ୍ଥିତ । ଏହା ତ୍ରିଭୁଜାକାର । ଏହାର ଭୂମିରୂପ ଅସମାନ । ଏହା ପଶ୍ଚିମରୁ ପୂର୍ବ ଆଡ଼କୁ କ୍ରମଶଃ ଢ଼ାଲୁ । ଏଠାରେ ଅନେକ ଛୋଟ ବଡ଼ ପାହାଡ଼ ଓ ଅଗଭୀର ନଦୀ ଉପତ୍ୟକାମାନ ଦେଖାଯାଏ । ଏହି ମାଳ ଅଞ୍ଚଳର ଉତ୍ତର-ପଶ୍ଚିମରେ ଆରାବଳୀ ପର୍ବତମାଳା ଅବସ୍ଥିତ । ଏହା ପୃଥିବୀର ଏକ ଅତି ପୁରାତନ ପର୍ବତମାଳା । ମାଉଣ୍ଟଆବୁ ପର୍ବତରେ ଅବସ୍ଥିତ ଗୁରୁଶିଖର ଏହାର ଉଚ୍ଚତମ ଶୃଙ୍ଗ । ବିନ୍ଧ୍ୟପର୍ବତ ଓ ସାତପୁରା ପର୍ବତ ଭାରତର ମଧ୍ୟଭାଗରେ ପୂର୍ବରୁ-ପଶ୍ଚିମକୁ ବିସ୍ତୃତ । ଏଗୁଡ଼ିକ ସ୍ତୂପ ପର୍ବତ । ନର୍ମଦା ଓ ତାପ୍ତୀ ନଦୀ ଏହା ମଧ୍ୟବର୍ତ୍ତୀ ଗ୍ରସ୍ତ ଉପତ୍ୟକାରେ ପ୍ରବାହିତ ହୋଇ ପଶ୍ଚିମରେ ଆରବ ସାଗରରେ ପଡ଼ିଛନ୍ତି । ଦକ୍ଷିଣ ଭାରତ ମାଳଭୂମିର ପଶ୍ଚିମ ଉପକୂଳକୁ ଲାଗି ପଶ୍ଚିମଘାଟ ପର୍ବତମାଳା ବା ସହ୍ୟାଦ୍ରି ଅବସ୍ଥିତ । କାଲସୁବାଇ ଏହାର ଉଚ୍ଚତମ ଶୃଙ୍ଗ । ସେହିପରି ପୂର୍ବଘାଟ ପର୍ବତମାଳା ଏହାର ପୂର୍ବ ଉପକୂଳରେ ଅବସ୍ଥିତ । ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳୀ । ଉଭୟ ପର୍ବତମାଳା ଦକ୍ଷିଣରେ ନୀଳଗିରି ପର୍ବତ ଶ୍ରେଣୀଠାରେ ମିଳିତ ହୋଇଛନ୍ତି । ଦୋଦାବେଟ୍ଟା ଏହାର ଉଚ୍ଚତମ ଶୃଙ୍ଗ । ନୀଳଗିରି ପର୍ବତର ଦକ୍ଷିଣକୁ ବିସ୍ତୃତ କାର୍ଡ଼ାମମ ପର୍ବତର ଆନାଇମୁଡ଼ି ଦକ୍ଷିଣ ଭାରତର ଉଚ୍ଚତମ ଶୃଙ୍ଗ । ପଶ୍ଚିମଘାଟ ପର୍ବତମାଳା ଅଧିକ ଉଚ୍ଚ ଓ ନିରବିଚ୍ଛିନ୍ନ । ମାତ୍ର ସହ୍ୟାଦ୍ରିର ପଶ୍ଚିମଭାଗରୁ ଓ ମାଳଭୂମିରୁ ବାହାରିଥିବା ନଦୀଗୁଡ଼ିକ ଦ୍ୱାରା ପୂର୍ବଘାଟ ପର୍ବତମାଳା ଖଣ୍ଡବିଖଣ୍ଡିତ ହୋଇଥିବାରୁ ଏହା ଅଧିକ ଉଚ୍ଚ ବା ନିରବିଚ୍ଛିନ୍ନ ନୁହେଁ । ଦକ୍ଷିଣ ଭାରତ ମାଳଭୂମି ଅତି ପୁରାତନ କଠିନ ଶିଳାରେ ଗଠିତ । ମାଳବ ରେଓ୍ୱା, ଛୋଟନାଗପୁର, ବସ୍ତର, ତେଲେଙ୍ଗନା, ଡ଼େକାନ୍, ବୁନ୍ଦେଲଖଣ୍ଡ, ବାଘେଲଖଣ୍ଡ, ଶିଲଂ ଇତ୍ୟାଦି ମାଳଭୂମି ଏହାର ଅନ୍ତର୍ଗତ । ଏହି ମାଳଭୂମିଗୁଡ଼ିକରେ ଲୁହାପଥର, ମାଙ୍ଗାନିଜ୍, କ୍ରୋମାଇଟ୍, ବକ୍ସାଇଟ ଓ କୋଇଲା ଭଳି ଅନେକ ପ୍ରକାର ଖଣିଜ ପଦାର୍ଥ ପ୍ରଚୁର ପରିମାଣରେ ମିଳେ ।

**ତୁମେ ଜାଣିଛ କି ?**

ମହାନଦୀ ଛତିଶଗଡ଼ର ଅମରକଣ୍ଟକ ମାଳଭୂମିରୁ ବାହାରିଛି ।

ପଶ୍ଚିମଘାଟ ପର୍ବତମାଳାର ପଶ୍ଚିମରେ ଓ ପୂର୍ବଘାଟ ପର୍ବତମାଳାର ପୂର୍ବରେ ଉପକୂଳବର୍ତ୍ତୀ ସମତଳ ଭୂମି ରହିଛି । ପୂର୍ବ-ଉପକୂଳବର୍ତ୍ତୀ ସମତଳଭୂମି ବେଶ୍ ପ୍ରଶସ୍ତ ଓ ନଦୀଗୁଡ଼ିକର ତ୍ରିକୋଣଭୂମିଗୁଡ଼ିକ ଦ୍ୱାରା ଗଠିତ । ମାତ୍ର ପଶ୍ଚିମ ଉପକୂଳବର୍ତ୍ତୀ ସମତଳଭୂମି ଅପେକ୍ଷାକୃତ ଅଣଓସାରିଆ । ମାଳଭୂମିରୁ ବାହାରିଥିବା ଅଧିକାଂଶ ନଦୀଗୁଡ଼ିକ ପୂର୍ବ ଉପକୂଳରେ ଦେଖାଯାଏ । ମାନଚିତ୍ର ଦେଖି ପଶ୍ଚିମ ଉପକୂଳ ଓ ପୂର୍ବ ଉପକୂଳକୁ ଲାଗିଥିବା ରାଜ୍ୟଗୁଡ଼ିକର ନାମ ଲେଖ ।

ବଙ୍ଗୋପସାଗର ଓ ଆରବ ସାଗରରେ ଥିବା ଦୁଇଟି ଦ୍ୱୀପପୁଞ୍ଜ ଭାରତର ଅନ୍ତର୍ଗତ । ଲାକ୍ଷାଦ୍ୱୀପ ଦ୍ୱୀପପୁଞ୍ଜ ଆରବ ସାଗରରେ ଅବସ୍ଥିତ ଓ ଏହା ପ୍ରବାଳ ଦ୍ୱାରା ଗଠିତ । କେରଳ ଉପକୂଳଠାରୁ ଅଳ୍ପ ଦୂରରେ ଏହି ଦ୍ୱୀପଗୁଡ଼ିକ ଦେଖାଯାଏ । କାଭାରାତି ଏହାର ରାଜଧାନୀ । ବଙ୍ଗୋପସାଗରରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଅବସ୍ଥିତ । ଏଗୁଡ଼ିକ ଆଗ୍ନେୟଶିଳା ଦ୍ୱାରା ଗଠିତ । ଏଗୁଡିକ ମୁଖ୍ୟ ଭୂଖଣ୍ଡଠାରୁ ଅନେକ ଦୂରରେ ରହିଛନ୍ତି । ପୋର୍ଟବ୍ଲେୟାର ଏହି ଦ୍ୱୀପସମୂହର ରାଜଧାନୀ । ଏହି ଦ୍ୱୀପପୁଞ୍ଜର କେତେକ ଦ୍ୱୀପ ୨୦୦୪ ମସିହାରେ ସୁନାମି ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା । ସୁନାମି ଦ୍ୱାରା କେଉଁ ଦ୍ୱୀପଗୁଡ଼ିକ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିଲା ଖବରକାଗଜରୁ କିମ୍ବା ଲୋକମାନଙ୍କୁ ପଚାରି ବୁଝ ।

**ସୁନାମି**

ସମୁଦ୍ର ତଳରେ ଭୂମିକମ୍ପ ଯୋଗୁ ସୃଷ୍ଟ ଭୟଙ୍କର ସାମୁଦ୍ରିକ ଢ଼େଉକୁ ସୁନାମି କୁହାଯାଏ ।

## ଭାରତର ନଦୀ

ଭାରତରେ ଅନେକଗୁଡ଼ିଏ ବଡ଼ ବଡ଼ ନଦୀ ରହିଛି । ସେଗୁଡ଼ିକୁ ଉତ୍ତର ଭାରତର ନଦୀ ଓ ଦକ୍ଷିଣ ଭାରତର ନଦୀ ଏହିପରି ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଛି । ଉତ୍ତର ଭାରତର ନଦୀଗୁଡ଼ିକ ମଧ୍ୟରେ ଗଙ୍ଗା, ବ୍ରହ୍ମପୁତ୍ର ଓ ସିନ୍ଧୁ ନଦୀ ପ୍ରଧାନ । ଏହି ନଦୀ ଓ ସେମାନଙ୍କର ଅଧିକାଂଶ ଉପନଦୀ ହିମାଳୟରୁ ଉତ୍ପତ୍ତି ଲାଭ କରିଛନ୍ତି । ଏହି ନଦୀଗୁଡ଼ିକ ଚିରସ୍ରୋତା । କାରଣ ବର୍ଷସାରା ନଦୀରେ ଜଳ ପ୍ରବାହିତ ହୋଇଥାଏ । ଗ୍ରୀଷ୍ମକାଳରେ ହିମାଳୟର ବରଫାବୃତ୍ତ ଶୃଙ୍ଗଗୁଡ଼ିକରୁ ବରଫ ତରଳିବା ଯୋଗୁ ନଦୀରେ ଜଳ ଆସେ । ଏହି ନଦୀଗୁଡିକ ସେମାନଙ୍କ ମୁହାଣରେ ତ୍ରିକୋଣଭୂମି ସୃଷ୍ଟି କରିଛନ୍ତି । ଗଙ୍ଗା-ବ୍ରହ୍ମପୁତ୍ର ନଦୀ ଦ୍ୱାରା ସୃଷ୍ଟ ତ୍ରିକୋଣଭୂମି ପୃଥିବୀର ସର୍ବବୃହତ୍ ତ୍ରିକୋଣଭୂମି । ଏଠାରେ ଥିବା ଜୁଆରିଆ ଅରଣ୍ୟକୁ **ସୁନ୍ଦରବନ** କୁହାଯାଏ ।

ଦକ୍ଷିଣ ଭାରତର ନଦୀଗୁଡ଼ିକ ମଧ୍ୟରେ ନର୍ମଦା, ତାପ୍ତୀ, ମହାନଦୀ, ଗୋଦାବରୀ, କ୍ରିଷ୍ଣା ଓ କାବେରୀ ଆଦି ପ୍ରଧାନ । ଗୋଦାବରୀ ଦକ୍ଷିଣ ଭାରତର ବୃହତ୍ତମ ନଦୀ । ଏହାକୁ **ଦକ୍ଷିଣ ଭାରତର ଗଙ୍ଗା** କୁହାଯାଏ । କାବେରୀ ନଦୀ ବ୍ୟତୀତ ଦକ୍ଷିଣ ଭାରତର ନଦୀଗୁଡ଼ିକ ଚିରସ୍ରୋତା ନୁହଁନ୍ତି । କାବେରୀ ନଦୀ ଚିରସ୍ରୋତା । ନର୍ମଦା ଓ ତାପ୍ତୀ ନଦୀଦ୍ୱୟ ପଶ୍ଚିମ ଦିଗକୁ ଗତି କରି ଆରବ ସାଗରରେ ପଡ଼ିଛନ୍ତି । ଏହି ନଦୀଦ୍ୱୟର ମୁହାଣରେ ତ୍ରିକୋଣଭୂମି ସୃଷ୍ଟି ହୋଇନାହିଁ । ମହାନଦୀ, ଗୋଦାବରୀ, କ୍ରିଷ୍ଣା ଓ କାବେରୀ ଆଦି ନଦୀ ପୂର୍ବାଭିମୁଖୀ ହୋଇ ବଙ୍ଗୋପ ସାଗରରେ ପଡ଼ିଛନ୍ତି । ଏହି ନଦୀଗୁଡ଼ିକ ମୁହାଣରେ ଉର୍ବର ତ୍ରିକୋଣଭୂମିମାନ ସୃଷ୍ଟି ହୋଇଛି । ତ୍ରିକୋଣଭୂମି ଅଞ୍ଚଳ ଶସ୍ୟଶ୍ୟାମଳା । ଏଥିପାଇଁ ଏଠାରେ ଜନସଂଖ୍ୟାର ଘନତ୍ୱ ଅଧିକ ।

ଆମ ଦେଶର ଅଧିକାଂଶ ନଦୀରେ ବର୍ଷାଋତୁରେ ବନ୍ୟା ଆସେ । କେତେକ ବନ୍ୟାରେ ବହୁ ଧନଜୀବନ ହାନି ଘଟିଥାଏ । ପ୍ରବଳ ବନ୍ୟା ଯୋଗୁ କେତେକ ନଦୀ ଗତିପଥ ପରିବର୍ତ୍ତନ କରିଥାନ୍ତି । ଫଳରେ କ୍ଷୟକ୍ଷତି ପରିମାଣ ଯଥେଷ୍ଟ ବୃଦ୍ଧି ପାଏ । ୨୦୦୮ ମସିହା ବନ୍ୟାରେ ବିହାରର କୋଶୀ ନଦୀର ଗତିପଥ ପରିବର୍ତ୍ତନ ଏହାର ଏକ ଉଦାହରଣ । ଏହି ବର୍ଷ ଓଡ଼ିଶାର ମହାନଦୀରେ ପ୍ରଳୟଙ୍କରୀ ବନ୍ୟା ଯୋଗୁ ଉପକୂଳ ଜିଲ୍ଲାଗୁଡ଼ିକରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ରାଜ୍ୟର କେଉଁ କେଉଁ ଜିଲ୍ଲାଗୁଡ଼ିକ ମହାନଦୀ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥାନ୍ତି ସେଗୁଡ଼ିକର ନାମ ଲେଖ । ବଡ଼ ବଡ଼ ନଦୀଗୁଡ଼ିକରେ ବନ୍ୟା ପ୍ରକୋପ ହ୍ରାସ ପାଇଁ ନଦୀବନ୍ଧ ଯୋଜନାମାନ କାର୍ଯ୍ୟକାରୀ ହେଉଅଛି ।

ଆମ ରାଜ୍ୟର ହୀରାକୁଦଠାରେ ମହାନଦୀ ଉପରେ ଏକ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହୋଇଅଛି । ଆମ ରାଜ୍ୟର ଓ ଅନ୍ୟାନ୍ୟ ରାଜ୍ୟର ନଦୀବନ୍ଧ ଯୋଜନାଗୁଡ଼ିକର ନାମ ଲେଖ ।

## ଅଭ୍ୟାସ

**୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଦିଅ।**

କ) ଭାରତର ପ୍ରାକୃତିକ ବିଭାଗଗୁଡ଼ିକର ନାମ ଲେଖ।

ଖ) ଭାରତର ସାତୋଟି ଦେଶ ସହ ସ୍ଥଳ ସୀମାରେଖା ଲାଗିରହିଛି। ସେଗୁଡ଼ିକର ନାମ ଲେଖ।

ଗ) ଭାରତର କେଉଁ ମୁଖ୍ୟ ନଦୀ ଦୁଇଟି ଆରବ ସାଗରରେ ପଡ଼ିଛନ୍ତି ?

ଘ) ଗଙ୍ଗା-ବ୍ରହ୍ମପୁତ୍ର ନଦୀଦ୍ୱୟର ତ୍ରିକୋଣଭୂମିର ନାମ କ'ଣ ?

ଙ) ଭାରତର କେତୋଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ରହିଛି ?

ଚ) ଉତ୍ତର ଭାରତ ସମତଳ ଅଞ୍ଚଳରେ ଅଧିକ ଜନସଂଖ୍ୟାର କାରଣ କ'ଣ ?

**୨. ଠିକ୍ ଉତ୍ତର ପାଖରେ ✓ ଚିହ୍ନ ଦିଅ।**

କ) ହିମାଳୟ ଅନ୍ତର୍ଗତ ଦକ୍ଷିଣତମ ପର୍ବତଶ୍ରେଣୀର ନାମ :
ସିୱାଲିକ୍, ହିମାଦ୍ରୀ, ହିମାଚଳ

ଖ) ସହ୍ୟାଦ୍ରୀର ଅନ୍ୟ ନାମ :
ଆରାବଳୀ, ପଶ୍ଚିମଘାଟ, ପୂର୍ବଘାଟ

ଗ) ପକ୍ ପ୍ରଣାଳୀ ଦୁଇ ପାର୍ଶ୍ୱରେ ଥିବା ଦେଶର ନାମ :
ଶ୍ରୀଲଙ୍କା ଓ ମାଳ ଦ୍ୱୀପ, ଭାରତ ଓ ଶ୍ରୀଲଙ୍କା, ଭାରତ ଓ ମାଳଦ୍ୱୀପ

ଘ) ଆରବ ସାଗରରେ ଅବସ୍ଥିତ ଭାରତୀୟ ଦ୍ୱୀପର ନାମ :
ଆଣ୍ଡାମାନ ଓ ନିକୋବର ଦ୍ୱୀପ, ମାଳଦ୍ୱୀପ, ଲାକ୍ଷାଦ୍ୱୀପ

ଙ) ଭାରତର ସର୍ବପୁରାତନ ପର୍ବତଶ୍ରେଣୀ :
ଆରାବଳୀ, ବିନ୍ଧ୍ୟ, ସାତପୁରା

**୩. ଶୂନ୍ୟସ୍ଥାନ ପୂରଣ କର।**

କ) ଭାରତର କ୍ଷେତ୍ରଫଳ ପ୍ରାୟ __________ ବର୍ଗ କିଲୋମିଟର।

ଖ) ଉଚ୍ଚ ହିମାଳୟର ଅନ୍ୟ ନାମ __________ ।

ଗ) କ୍ଷେତ୍ରଫଳ ଦୃଷ୍ଟିରୁ ଭାରତର ସବୁଠାରୁ ବଡ଼ ରାଜ୍ୟ __________ ।

ଘ) ମହାନଦୀ __________ ରେ ପଡ଼ିଛି।

ଙ) ଭାରତର ମଧ୍ୟଭାଗ ଦେଇ ଯାଇଥିବା ଅକ୍ଷାଂଶ __________ ଅଟେ।




## ତୁମ ପାଇଁ କାମ



ଭାରତର ରେଖାଙ୍କିତ ମାନଚିତ୍ର ଆଙ୍କି ନିମ୍ନଲିଖିତଗୁଡ଼ିକୁ ଦର୍ଶାଅ ।

- କର୍କଟକ୍ରାନ୍ତି
- ଭାରତର ପ୍ରମାଣ ଦ୍ରାଘିମାରେଖା
- ତୁମେ ଯେଉଁ ରାଜ୍ୟରେ ରହୁଛ
- ଆଣ୍ଡାମାନ ଓ ଲାକ୍ଷାଦ୍ୱୀପ
- ପଶ୍ଚିମଘାଟ ଓ ପୂର୍ବଘାଟ



# ଭାରତ: ଜଳବାୟୁ, ପ୍ରାକୃତିକ ଉଦ୍ଭିଦ, ବନ୍ୟପ୍ରାଣୀ ଓ ଏହାର ସଂରକ୍ଷଣ

ଆମେ ଖବରକାଗଜ, ରେଡ଼ିଓ ବା ଟେଲିଭିଜନରୁ ପ୍ରତିଦିନ ପାଣିପାଗ ସମ୍ବନ୍ଧୀୟ ଖବର ପାଉଛେ । ଲୋକମାନେ ମଧ୍ୟ ପାଣିପାଗ ସମ୍ବନ୍ଧରେ କଥା ହେଉଥିବାର ଆମେ ଶୁଣୁଛୁ । ଆମେ ଜାଣିଛେ ଯେ ବାୟୁମଣ୍ଡଳର ଅବସ୍ଥା ସବୁବେଳେ ସମାନ ନଥାଏ । କେତେବେଳେ ଅଧିକ ଗରମ ତ କେତେବେଳେ ଅଧିକ ଶୀତ ହୋଇଥାଏ । ପୁଣି କେତେବେଳେ ଝଡ଼ି ଯୋଗୁ ଘରୁ ପଦାକୁ ବାହାରିବା କଷ୍ଟକର ହୁଏ । **ବାୟୁମଣ୍ଡଳରେ ଘଟୁଥିବା ଏହି ଦୈନନ୍ଦିନ ପରିବର୍ତ୍ତନକୁ ପାଣିପାଗ କୁହାଯାଏ ।** ଏହି ପରିବର୍ତ୍ତନ ମୁଖ୍ୟତଃ ବାୟୁର ତାପମାତ୍ରା, ବୃଷ୍ଟିପାତ ଓ ସୂର୍ଯ୍ୟାଲୋକର ପରିମାଣର ପରିବର୍ତ୍ତନକୁ ବୁଝାଇଥାଏ । 'ବହୁତ ଗରମ ଲାଗୁଛି', 'ଆକାଶ ମେଘୁଆ ଅଛି' ପରି ଆମେ ପ୍ରକାଶ କରୁଥିବା ପ୍ରତିକ୍ରିୟା ହିଁ ବାୟୁମଣ୍ଡଳର ଅବସ୍ଥାକୁ ସୂଚାଇଥାଏ ।

ତୁମେ ଲକ୍ଷ୍ୟ କରିଥିବ ଯେ ବେଳେବେଳେ କିଛି ମାସ ଧରି ଗରମ ଲାଗିରହେ । ସେତେବେଳେ ଶୀତବସ୍ତ୍ରର ଆବଶ୍ୟକତା ରହେ ନାହିଁ । ଥଣ୍ଡାପାନୀୟ ଓ ପଖାଳଭାତ ଖାଇବାକୁ ଭଲ ଲାଗେ । ଅନେକ ଲୋକ ଘର ବାରଣ୍ଡାରେ ବା ବାହାରେ ଶୋଇବାକୁ ଭଲ ପାଆନ୍ତି । ତେବେ ଅନ୍ୟ କିଛି ଦିନମାନଙ୍କରେ ଘୋଡ଼େଇ ନହେଲେ ଶୀତ ଲାଗେ ।

ବାୟୁମଣ୍ଡଳ ଅବସ୍ଥାରେ ଏ ପ୍ରକାର ପରିବର୍ତ୍ତନକୁ ବିଚାରକୁ ନେଇ ଆମ ଦେଶରେ ଗୋଟିଏ ବର୍ଷକୁ କେତେଗୋଟି ଋତୁରେ ବିଭକ୍ତ କରାଯାଇଛି । ଭାରତରେ ଅନୁଭୂତ ମୁଖ୍ୟ ଋତୁଗୁଡ଼ିକ ହେଲା :

- ଶୀତଋତୁ (ଡିସେମ୍ବରରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ)
- ଗ୍ରୀଷ୍ମଋତୁ (ମାର୍ଚ୍ଚରୁ ମେ ମାସ ପର୍ଯ୍ୟନ୍ତ)
- ବର୍ଷାଋତୁ (ଜୁନ୍‌ରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ)
- ଶରତଋତୁ (ଅକ୍ଟୋବର ଓ ନଭେମ୍ବର ମାସ)


## ଗ୍ରୀଷ୍ମଋତୁ

ଗ୍ରୀଷ୍ମଋତୁରେ ସୂର୍ଯ୍ୟରଶ୍ମି ପ୍ରାୟ ସିଧାସଳଖ ଭାବେ ଆମ ଦେଶରେ ପଡ଼ିଥାଏ । ଏହା ସହିତ ଦିନ ବଡ଼ ଓ ରାତି ଛୋଟ ହୁଏ । ଫଳରେ ବାୟୁର ତାପମାତ୍ରା ଅଧିକ ବୃଦ୍ଧି ପାଏ । ବାୟୁ ଉଷ୍ଣ ଓ ଶୁଷ୍କ ରହେ । ଏହି ସମୟରେ ପବନ କୌଣସି ନିର୍ଦ୍ଦିଷ୍ଟ ଦିଗରୁ ବହେ ନାହିଁ । ରାଜସ୍ଥାନ, ଦିଲ୍ଲୀ, ହରିଆନା, ପଞ୍ଜାବ ଓ ପଶ୍ଚିମ ଉତ୍ତରପ୍ରଦେଶ ଅନ୍ତର୍ଗତ ଅଞ୍ଚଳରେ ଦିନବେଳା ଅତି ଉଷ୍ଣ ଓ ଶୁଷ୍କ ବାୟୁ 'ଲୁ' ପ୍ରବାହିତ ହୋଇଥାଏ । ଅଂଶୁଘାତ ଯୋଗୁ ବହୁଲୋକ ମୃତ୍ୟୁବରଣ କରିଥାଆନ୍ତି । କେତେକ

ଅଞ୍ଚଳରେ ବିଶେଷତଃ ଓଡିଶାର ଉତ୍ତର ଭାଗରେ ଓ ପଶ୍ଚିମ ବଙ୍ଗରେ ଅପରାହ୍ଣ ସମୟରେ ବିଜୁଳି ଓ ଘଡ଼ଘଡ଼ି ସହ ବୃଷ୍ଟିପାତ ହୋଇଥାଏ । ଏହାକୁ **କାଳବୈଶାଖୀ** କୁହାଯାଏ । ଏହା ସାମୟିକଭାବେ ତାପମାତ୍ରା ହ୍ରାସ କରିବା ସହ ଆଶ୍ୱସ୍ତି ଆଣିଥାଏ । କେଉଁଠି କେଉଁଠି ଧୂଳିଝଡ଼ ଓ କୁଆପଥର ବୃଷ୍ଟି ଯୋଗୁ ଧନଜୀବନ ହାନି ଘଟିଥାଏ ।

## ବର୍ଷାଋତୁ

ଏହି ଋତୁରେ ଆମ ଦେଶରେ ମୌସୁମୀ ବାୟୁପ୍ରବାହ ହୋଇଥାଏ । ଏହି ବାୟୁ ବଙ୍ଗୋପସାଗର ଓ ଆରବ ସାଗର ଉପର ଦେଇ ଦେଶ ଭିତରକୁ ପ୍ରବାହିତ ହୋଇଥାଏ । ସମୁଦ୍ର ପୃଷ୍ଠରୁ ଉତ୍ପତ୍ତି ଲାଭ କରିଥିବାରୁ ଏହି ବାୟୁରେ ଅଧିକ



ପରିମାଣରେ ଜଳୀୟବାଷ୍ପ ଥାଏ। ଏହି ବାୟୁ କୌଣସି ଉଚ୍ଚ ପାହାଡ଼ ପର୍ବତରେ ବାଧା ପାଇଲେ ଉର୍ଦ୍ଧ୍ୱଗାମୀ ହୁଏ। ଏହା କ୍ରମେ ଶୀତଳ ଓ ଘନୀଭୂତ ହୋଇ ବୃଷ୍ଟିପାତ କରାଏ। ମୌସୁମୀ ବୃଷ୍ଟିପାତ ଅସମାନ ଓ ଅନିଶ୍ଚିତ। ବୃଷ୍ଟିପାତର ପରିମାଣ ସ୍ଥାନ ବିଶେଷରେ କମ୍ ବେଶୀ ହୋଇଥାଏ। ଭାରତର ଉତ୍ତରପୂର୍ବ ରାଜ୍ୟମାନଙ୍କରେ ଅଧିକ ବୃଷ୍ଟିପାତ ହୋଇଥାଏ। ତେବେ, ରାଜସ୍ଥାନର ପଶ୍ଚିମାଞ୍ଚଳରେ ଅତି କମ୍ ବୃଷ୍ଟିପାତ କାରଣରୁ ଥର୍ ମରୁଭୂମି ସୃଷ୍ଟି ହୋଇଛି।

ଭାରତରେ କୃଷିଋତୁ ମୌସୁମୀ ବାୟୁ ପ୍ରବାହ ସହ ସମ୍ପର୍କିତ। ମୌସୁମୀ ବାୟୁ ପ୍ରବାହ ବିଳମ୍ବ ବା ଦୁର୍ବଳ ହେଲେ ଅନାବୃଷ୍ଟି ଦେଖାଯାଏ। ଫଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୁଏ। ବେଳେବେଳେ ବୃଷ୍ଟିପାତ ଲାଗିରହିବା ଯୋଗୁ ବନ୍ୟା ହୋଇଥାଏ। ମୌସୁମୀ ବୃଷ୍ଟିପାତ ଉପରେ ଭାରତର କୃଷି ଅର୍ଥନୀତି ବିଶେଷଭାବେ ନିର୍ଭରଶୀଳ।

**ଚିନ୍ତା କରି କୁହ :** ଯଦି କୌଣସି ବର୍ଷ ମୌସୁମୀ ବାୟୁ ଦୁର୍ବଳ କିମ୍ବା ପହଞ୍ଚିବାରେ ବିଳମ୍ବ ହେଲା, ତେବେ ନିମ୍ନୋକ୍ତ ମଧ୍ୟରୁ କେଉଁଟି ହେବାର ସମ୍ଭାବନା ଅଧିକ ହୋଇଥାଏ ?

- ଫସଲ – ପ୍ରଭାବିତ ହେବ / ପ୍ରଭାବିତ ହେବନାହିଁ
- କୂଅର ଜଳ ପତନ – ବଢ଼ିବ /କମିବ
- ଗ୍ରୀଷ୍ମର ଅବଧି – ବଢ଼ିବ / କମିବ

## ଶରତଋତୁ

ଅକ୍ଟୋବର ଓ ନଭେମ୍ବର ମାସରେ ମୌସୁମୀବାୟୁ ସ୍ଥଳଭାଗରୁ ବଙ୍ଗୋପସାଗର ଉପରକୁ ଫେରିଆସେ। ତେଣୁ ଏହି ସମୟକୁ ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀବାୟୁ ଋତୁ ମଧ୍ୟ କୁହାଯାଏ। ଏହି ଋତୁରେ ଦିନବେଳା ତାପମାତ୍ରା ଅଧିକ ରହେ। ମାତ୍ର ରାତିବେଳା ତାପମାତ୍ରା କ୍ରମଶଃ ହ୍ରାସ ପାଇଥାଏ। ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀବାୟୁ ତାମିଲନାଡୁ ଓ ଆନ୍ଧ୍ର ଉପକୂଳରେ ବୃଷ୍ଟିପାତ କରାଇଥାଏ। ଏହି ସମୟରେ ବଙ୍ଗୋପସାଗର ଉପରେ କ୍ରାନ୍ତୀୟ ବାତାବର୍ତ୍ତମାନ ସୃଷ୍ଟି ହୁଏ। ଏହା ଯୋଗୁ ପ୍ରବଳ ବେଗରେ ପବନ ବହିବା ସହ ପ୍ରଚୁର ବୃଷ୍ଟିପାତ ହୋଇଥାଏ। ଫଳତଃ ପୂର୍ବ ଉପକୂଳସ୍ଥ ଘନ ଜନବସତି ପୂର୍ଣ୍ଣ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥାଏ। ୧୯୯୯ ମସିହା ଅକ୍ଟୋବର ୨୯ ତାରିଖରେ ଏହିପରି ଏକ ମହାବାତ୍ୟା ଯୋଗୁ ଆମ ରାଜ୍ୟରେ ଦଶହଜାରରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ।


## ଶୀତଋତୁ

ଭାରତରେ ଏହି ସମୟରେ ସୂର୍ଯ୍ୟକିରଣ ଲମ୍ବଭାବରେ ପଡ଼େ ନାହିଁ। ଏହା ସହିତ ଦିନ ଛୋଟ ଓ ରାତି ବଡ଼ ହୁଏ। ଫଳରେ କମ୍ ପରିମାଣର ସୂର୍ଯ୍ୟରଶ୍ମି ସଂଗୃହୀତ ହୁଏ ଏବଂ ବାୟୁ ତାପମାତ୍ରା ହ୍ରାସ ପାଏ। ମୁଖ୍ୟତଃ ଉତ୍ତର ଭାରତରେ ଶୀତର ପ୍ରକୋପ ଅଧିକ ରହେ। ଏହି ସମୟରେ ହିମାଳୟ ପର୍ବତମାଳା ଓ ଉତ୍ତର ଭାରତର କେତେକ ଅଞ୍ଚଳରେ ତୁଷାରପାତ ହୁଏ। ଏହି ଋତୁରେ ତାମିଲନାଡୁ ଉପକୂଳରେ ବୃଷ୍ଟିପାତ ହୋଇଥାଏ। ଶୀତକାଳରେ ପବନ ଉତ୍ତରପୂର୍ବ ଦିଗରୁ ବହେ। ଏହା ଶୀତଳ ଓ ଶୁଷ୍କ। ଫଳରେ ଦେଶର ଅଧିକାଂଶ ଅଞ୍ଚଳରେ ପାଗ ଶୁଖିଲା ରହେ।

**ବହୁ ବର୍ଷ ଧରି ପାଣିପାଗର ହାରାହାରି ଅବସ୍ଥାକୁ ଜଳବାୟୁ କୁହାଯାଏ।** ଭାରତର ଜଳବାୟୁକୁ **ମୌସୁମୀ ଜଳବାୟୁ** ଆଖ୍ୟା ଦିଆଯାଇଛି। ମୌସୁମୀ ଶବ୍ଦଟି ଆରବ ଶବ୍ଦ 'ମୌସମ୍'ରୁ ଆସିଛି, ଯାହାର ଅର୍ଥ ଋତୁ। ମୌସୁମୀ ବାୟୁ ପ୍ରଭାବରେ ଭାରତରେ ପ୍ରଚୁର ବୃଷ୍ଟି ହୋଇଥାଏ।

କୌଣସି ଅଞ୍ଚଳର ଜଳବାୟୁ ଏହାର ଅବସ୍ଥିତି, ସମୁଦ୍ରପତ୍ତନରୁ ଉଚ୍ଚତା, ସମୁଦ୍ରଠାରୁ ଦୂରତା ଓ ପାହାଡ଼ପର୍ବତ ଆଦି ଭୂମିରୂପ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଏହି କାରଣରୁ ବିଭିନ୍ନ ଅଞ୍ଚଳରେ ଜଳବାୟୁରେ ପାର୍ଥକ୍ୟ ରହିଥାଏ। ଭାରତର ରାଜସ୍ଥାନ ମରୁଭୂମି ଅନ୍ତର୍ଗତ ଜୟସାଲମିର୍ ଓ ବିକାନିର୍‌ରେ ତାପମାତ୍ରା ଅତ୍ୟଧିକ ହୋଇଥିବା ବେଳେ ଜାମ୍ମୁ ଓ କାଶ୍ମୀରର

ଡ୍ରାସ୍ ଓ କାର୍‌ଗିଲରେ ଅତ୍ୟଧିକ ଶୀତ ଅନୁଭୂତ ହୁଏ । ଅନ୍ୟ ପକ୍ଷରେ, ମୁମ୍ବାଇ ଓ କୋଲ୍‌କାତାର ଜଳବାୟୁ ମୃଦୁ ଅଟେ । ଏହା ବେଶୀ ଗରମ ବା ବେଶୀ ଶୀତଳ ନୁହେଁ । ସମୁଦ୍ର କୂଳରେ ଅବସ୍ଥିତ ଥିବାରୁ ଏଠାକାର ବାୟୁରେ ଅଧିକ ଜଳୀୟବାଷ୍ପ ଥାଏ । ମେଘାଳୟର ମାଓସିନ୍‌ରାମଠାରେ ପୃଥିବୀର ସର୍ବାଧିକ ବୃଷ୍ଟିପାତ ହେଉଥିବାବେଳେ ରାଜସ୍ଥାନର ଜୟସାଲମିର୍ ଠାରେ ବର୍ଷେବର୍ଷେ ଆଦୌ ବୃଷ୍ଟିପାତ ହୋଇନଥାଏ ।



## କ୍ରାନ୍ତୀୟ ବାତାବର୍ତ୍ତ

କ୍ରାନ୍ତିମଣ୍ଡଳର ସମୁଦ୍ର ଉପରେ କୌଣସି କାରଣରୁ ବାୟୁଚାପ ହ୍ରାସ ପାଇ ଲଘୁଚାପ କେନ୍ଦ୍ର ସୃଷ୍ଟି ହୋଇଥାଏ। କ୍ରମେ ଏହା ଘନୀଭୂତ ହୋଇ ବାତାବର୍ତ୍ତରେ ପରିଣତ ହୁଏ। ଏହି ଲଘୁଚାପ କେନ୍ଦ୍ର ଆଡ଼କୁ ପବନ ଚତୁର୍ଦ୍ଦିଗରୁ ପ୍ରବାହିତ ହୋଇଥାଏ। ଲଘୁଚାପ କେନ୍ଦ୍ର କ୍ରମେ ସ୍ଥଳଭାଗ ଆଡ଼କୁ ଅଗ୍ରସର ହୋଇଥାଏ। ଏହାର ପ୍ରଭାବରେ ପ୍ରବଳ ବେଗରେ ପବନ ବହିବା ସହ ପ୍ରଚୁର ବୃଷ୍ଟିପାତ ହୋଇଥାଏ।

## ମୌସୁମୀ ବାୟୁ

ଏହା ଏକ ଋତୁକାଳୀନ ବାୟୁ ପ୍ରବାହ। ଗ୍ରୀଷ୍ମକାଳରେ ଏହା ଦକ୍ଷିଣ-ପଶ୍ଚିମ ଦିଗରୁ ଓ ଶୀତକାଳରେ ଉତ୍ତର-ପୂର୍ବ ଦିଗରୁ ପ୍ରବାହିତ ହୁଏ। ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ସମୁଦ୍ରପୃଷ୍ଠରୁ  ପ୍ରବାହିତ ହେଉଥିବାରୁ ଏଥିରେ ଅଧିକ ଜଳୀୟବାଷ୍ପ ଥାଏ। ଏଥିରୁ ପ୍ରଚୁର ବୃଷ୍ଟିପାତ ମିଳିଥାଏ।

## ପ୍ରାକୃତିକ ଉଦ୍ଭିଦ

ଆମ ଆଖପାଖରେ ଆମେ ଅନେକ ପ୍ରକାର ଗଛଲତା ଦେଖିଥାଉ। ସବୁଜ ଘାସ ପଡ଼ିଆରେ ଖେଳିବାକୁ କେତେ ଭଲ ନ ଲାଗେ ! ଅନେକ ଛୋଟ ଛୋଟ ଗୁଳ୍ମ, କଣ୍ଟାବୁଦା ଓ ଫୁଲଗଛ ଆମ ବାଡ଼ିବଗିଚାରେ ବଢ଼ିଥାଆନ୍ତି। ଆମ୍ବ, ପଣସ, ବର, ଅଶ୍ୱତ୍ଥ ଭଳି ଶାଖାପ୍ରଶାଖା ଥିବା ବଡ଼ ବଡ଼ ଗଛ ମଧ୍ୟ ରହିଛନ୍ତି। ତାଳ, ନଡ଼ିଆ ଭଳି କେତେକ ବଡ଼ ବଡ଼ ଶାଖା ନଥିବା ଗଛ ମଧ୍ୟ ଦେଖାଯାଆନ୍ତି। ଏତେ ପ୍ରକାରର ବୃକ୍ଷଲତା ଦେଖିଲେ ତୁମକୁ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗୁଥିବ। ମଣିଷର ବିନା ସାହାଯ୍ୟରେ ଆପେ ଆପେ ବଢୁଥିବା ଘାସ, ବୁଦା ଓ ଗଛଲତାଦିକୁ **ପ୍ରାକୃତିକ ଉଦ୍ଭିଦ** କୁହାଯାଏ। ଭିନ୍ନ ଭିନ୍ନ ଜଳବାୟୁ ଅଞ୍ଚଳରେ ବିଭିନ୍ନ ପ୍ରକାର ପ୍ରାକୃତିକ ଉଦ୍ଭିଦ ଦେଖାଯାଏ। ମୁଖ୍ୟତଃ ବୃଷ୍ଟିପାତ ଓ ତାପମାତ୍ରା ଦ୍ୱାରା ଉଦ୍ଭିଦର ଆକାର, ପ୍ରକାର, ଉଚ୍ଚତା ଓ ଘନତା ଆଦି ପ୍ରଭାବିତ ହୋଇଥାଏ।

ଜଳବାୟୁର ବିଭିନ୍ନତା ଯୋଗୁ ଆମ ଦେଶରେ ବିଭିନ୍ନ ପ୍ରକାର ପ୍ରାକୃତିକ ଉଦ୍ଭିଦ ଦେଖାଯାଏ। ସେଗୁଡ଼ିକୁ ମୁଖ୍ୟତଃ ପାଞ୍ଚଗୋଟି ଶ୍ରେଣୀଭୁକ୍ତ କରାଯାଇପାରେ । ଯଥା :

- କ୍ରାନ୍ତୀୟ ଚିରହରିତ୍ ଅରଣ୍ୟ
- କ୍ରାନ୍ତୀୟ ପର୍ଣ୍ଣମୋଚୀ ଅରଣ୍ୟ ବା ମୌସୁମୀ ଅରଣ୍ୟ
- କଣ୍ଟାବୁଦା ଜଙ୍ଗଲ
- ପାର୍ବତ୍ୟ ଅରଣ୍ୟ
- ହେନ୍ତାଳ ବଣ ବା ଜୁଆରିଆ ଅରଣ୍ୟ

## କ୍ରାନ୍ତୀୟ ଚିରହରିତ୍ ଅରଣ୍ୟ

ପ୍ରଚୁର ବୃଷ୍ଟିପାତ ହେଉଥିବା ଅଞ୍ଚଳରେ କ୍ରାନ୍ତୀୟ ଚିରହରିତ୍ ଅରଣ୍ୟ ଦେଖାଯାଏ। ଏହି ଅରଣ୍ୟର ବୃକ୍ଷଗୁଡ଼ିକ ଅତି ଘଞ୍ଚ। ଫଳରେ ସୂର୍ଯ୍ୟାଲୋକ ଭୂପୃଷ୍ଠରେ ପଡ଼ିପାରେ ନାହିଁ। ଏଠାରେ ବହୁ ପ୍ରକାରର ବୃକ୍ଷ ଜନ୍ମେ। ଏହି ଅରଣ୍ୟର ବୃକ୍ଷଗୁଡ଼ିକ

ବର୍ଷର ଭିନ୍ନଭିନ୍ନ ସମୟରେ ପତ୍ରଝଡ଼ା ଦେଇଥାଆନ୍ତି । ଫଳରେ ଅରଣ୍ୟରେ ଚିର ସବୁଜିମା ଭରି ରହିଥାଏ । ତେଣୁ ଏହାକୁ **ଚିରହରିତ୍ ଅରଣ୍ୟ** କୁହାଯାଏ ।





ମେହୋଗାନି, ଏବୋନି ଓ ରୋଜ୍‌ଉଡ୍ ଆଦି ଏହି ଅରଣ୍ୟର ମୁଖ୍ୟ ବୃକ୍ଷ । ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଉତ୍ତର-ପୂର୍ବ ଭାରତର କିଛି ଅଂଶ ଏବଂ ପଶ୍ଚିମଘାଟ ପର୍ବତମାଳାର ପଶ୍ଚିମ ଢ଼ାଲୁ ଅନ୍ତର୍ଗତ ଅଳ୍ପ କିଛି ଅଞ୍ଚଳରେ ଏହିପ୍ରକାର ଅରଣ୍ୟ ଦେଖାଯାଏ ।

## କ୍ରାନ୍ତୀୟ ପର୍ଣ୍ଣମୋଚୀ ଅରଣ୍ୟ





ଆମ ଦେଶର ଅଧିକାଂଶ ଅଞ୍ଚଳରେ ଏ ପ୍ରକାର ଅରଣ୍ୟ ଦେଖାଯାଏ । ଏଗୁଡ଼ିକୁ ମୌସୁମୀ ଅରଣ୍ୟ ମଧ୍ୟ କୁହାଯାଏ । ଏହି ଅରଣ୍ୟର ବୃକ୍ଷଗୁଡ଼ିକ ଏତେ ଘଞ୍ଚ ନୁହେଁ । ଏଗୁଡ଼ିକ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ପତ୍ରଝଡ଼ା ଦେଇଥାଆନ୍ତି । ଫଳରେ ସମଗ୍ର ଅରଣ୍ୟ ଥୁଣ୍ଟା ଦେଖାଯାଏ । ଏଥିପାଇଁ ଏହାକୁ **ପର୍ଣ୍ଣମୋଚୀ** ଅରଣ୍ୟ କୁହାଯାଏ । ଶାଳ, ପିଆଶାଳ, ଶାଗୁଆନ୍,

ଅଶ୍ୱତ୍ଥ, ନିମ, ଶିଶୁ ଆଦି ଏହି ଅରଣ୍ୟର ମୁଖ୍ୟ ବୃକ୍ଷ । କେତେକ ସ୍ଥାନରେ ଚନ୍ଦନଗଛ ଦେଖାଯାଏ । ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର କେତେକ ଅଞ୍ଚଳରେ କ୍ରାନ୍ତୀୟ ପର୍ଣ୍ଣମୋଚୀ ଅରଣ୍ୟ ଦେଖାଯାଏ । ଜନସଂଖ୍ୟା ବୃଦ୍ଧି ଯୋଗୁ କ୍ରାନ୍ତୀୟ ପର୍ଣ୍ଣମୋଚୀ ଅରଣ୍ୟର ପରିମାଣ ହ୍ରାସ ପାଇବାରେ ଲାଗିଛି । ଅଧିକ କୃଷି ଜମିର ଆବଶ୍ୟକତା ଓ ବିଭିନ୍ନ ନିର୍ମାଣକାର୍ଯ୍ୟ ନିମନ୍ତେ ଦ୍ରୁତ ଜଙ୍ଗଲ କ୍ଷୟ ଯୋଗୁ ପରିବେଶ ନଷ୍ଟ ହେବାରେ ଲାଗିଛି । ଅର୍ଥନୈତିକ ଦୃଷ୍ଟିରୁ ଏହି ଅରଣ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ।

## କଣ୍ଟାବୁଦା ଜଙ୍ଗଲ

କମ୍ ବୃଷ୍ଟିପାତ ହେଉଥିବା ଅଞ୍ଚଳରେ କଣ୍ଟାବୁଦା ଜଙ୍ଗଲ ଦେଖାଯାଏ । ଏଠାକାର ଉଦ୍ଭିଦ ଅଳ୍ପ ଉଚ୍ଚ ଓ ମୋଟାପତ୍ର ବିଶିଷ୍ଟ । ଅଧିକାଂଶ ଗଛ କଣ୍ଟାଯୁକ୍ତ । ମୋଟାପତ୍ର ଜଳକ୍ଷୟ କମାଇଥାଏ । ମୁଖ୍ୟତଃ ସିଜୁ, ଖଜୁରୀ, ନାଗଫେଣୀ, ବବୁଲ ଆଦି କ୍ଷୁଦ୍ର ଉଦ୍ଭିଦ ଏ ଜଙ୍ଗଲରେ ବଢ଼େ । ରାଜସ୍ଥାନ, ପଞ୍ଜାବ, ହରିଆନା, ପଶ୍ଚିମଘାଟ ପର୍ବତମାଳାର ପୂର୍ବଢ଼ାଲୁ ଅଂଶ ଓ ଗୁଜୁରାଟରେ ଏ ପ୍ରକାର ଜଙ୍ଗଲ ରହିଛି ।



କାକ୍ଟସ୍ ଜାତୀୟ ବୃକ୍ଷ

## ପାର୍ବତ୍ୟ ଅରଣ୍ୟ

ଉଚ୍ଚତା ବଢ଼ିବା ସଂଗେ ସଂଗେ ପାର୍ବତ୍ୟାଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାର ଉଦ୍ଭିଦ ଦେଖାଯାଏ । କାରଣ ଉଚ୍ଚତା ବୃଦ୍ଧି ସହ ବାୟୁ ତାପମାତ୍ରା ହ୍ରାସ ପାଇଥାଏ । ପ୍ରାୟ ୧୫୦୦ ମିଟରରୁ ୨୫୦୦ ମିଟର ଉଚ୍ଚତାରେ ଗଛଗୁଡ଼ିକ ଶଙ୍କୁ ଆକାରର ହୋଇଥାଆନ୍ତି । ଏହି ଅରଣ୍ୟକୁ **ସରଳବର୍ଗୀୟ ଅରଣ୍ୟ** କୁହାଯାଏ । ଚିର୍, ପାଇନ୍, ଦେବଦାରୁ ଆଦି ଏହି ଅରଣ୍ୟର ମୁଖ୍ୟ ବୃକ୍ଷ । ହିମାଳୟ ପର୍ବତମାଳାର ଅଧିକ ଉଚ୍ଚତା ଓ ବିସ୍ତୃତି ଦୃଷ୍ଟିରୁ ଅନେକ ପ୍ରକାରର ପ୍ରାକୃତିକ ଉଦ୍ଭିଦ ଜନ୍ମିଥାଏ ।







## ଜୁଆରିଆ ଅରଣ୍ୟ ବା ହେନ୍ତାଳ ବଣ

ଉପକୂଳବର୍ତ୍ତୀ ଜୁଆର ପାଣି ମାଡୁଥିବା ସନ୍ତସନ୍ତିଆ ଅଞ୍ଚଳରେ **ହେନ୍ତାଳ ବଣ** ଦେଖାଯାଏ । ହେନ୍ତାଳ ବୃକ୍ଷ ଏହି ଅରଣ୍ୟର ମୁଖ୍ୟ ବୃକ୍ଷ । ପଶ୍ଚିମବଙ୍ଗର ଗଙ୍ଗା ନଦୀ ମୁହାଣରେ ସୁନ୍ଦରବନରେ ଏ ପ୍ରକାର ଅରଣ୍ୟ ଦେଖାଯାଏ । ସୁନ୍ଦରବନରେ ସୁନ୍ଦରୀବୃକ୍ଷ ବିଶେଷଭାବେ ଜନ୍ମିଥାଏ । ଓଡ଼ିଶାର ଭିତରକନିକା (କେନ୍ଦ୍ରାପଡ଼ା ଜିଲ୍ଲା) ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ହେନ୍ତାଳ ବଣ ରହିଛି ।

## ଅରଣ୍ୟର ଉପକାରିତା

ଆମ ପାଇଁ ଅରଣ୍ୟର ଯଥେଷ୍ଟ ଆବଶ୍ୟକତା ରହିଛି । ଏଗୁଡ଼ିକ ଆମର ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ବୃକ୍ଷଲତା ଗୁଡ଼ିକ ଖାଦ୍ୟ ପ୍ରସ୍ତୁତିରେ ଅଙ୍ଗାରକାମ୍ଳ ବାଷ୍ପ ଗ୍ରହଣ କରିଥାନ୍ତି ଏବଂ ଅମ୍ଳଜାନ ଛାଡ଼ିଥାନ୍ତି । ଅମ୍ଳଜାନକୁ ଆମେ ପ୍ରଶ୍ୱାସରେ ଗ୍ରହଣ କରିଥାଉ । ଚେର ମୂଳ ଦ୍ୱାରା ବୃକ୍ଷଗୁଡ଼ିକ ମୃତ୍ତିକାକୁ ବାନ୍ଧି ରଖିଥାନ୍ତି । ଫଳତଃ ମୃତ୍ତିକାକ୍ଷୟ ହ୍ରାସ ପାଇଥାଏ ।



ଜଙ୍ଗଲରୁ ଗୃହ ଆସବାବ ନିମନ୍ତେ କାଠ, ଜାଳେଣି କାଠ, ଗୋମେଷାଦି ପଶୁଖାଦ୍ୟ, ଔଷଧୀୟ ବୃକ୍ଷ, ଚେରମୂଳି, ଲାଖ, ମହୁ, ଝୁଣା, ଅଠା ଓ କେନ୍ଦୁପତ୍ର ଆଦି ଆବଶ୍ୟକ ପଦାର୍ଥ ମିଳିଥାଏ । ଜଙ୍ଗଲ ହିଁ ବନ୍ୟ ପ୍ରାଣୀଙ୍କର ପ୍ରାକୃତିକ ଆବାସସ୍ଥଳୀ । ଏହା ବ୍ୟତୀତ ଜଙ୍ଗଲ ବୃଷ୍ଟିପାତ କରିବାରେ ସହାୟକ ହୋଇଥାଏ । ସୁତରାଂ ଜଳବାୟୁକୁ ପ୍ରଭାବିତ କରିବାରେ ଜଙ୍ଗଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଅବାଧ ଗଛ କାଟିବା କାରଣରୁ ଅନେକ ଅଞ୍ଚଳରେ ପ୍ରାକୃତିକ ଉଦ୍ଭିଦ ସମ୍ପୂର୍ଣ୍ଣ ଭାବେ ଲୋପ ପାଇଛି । ଆମ ପାଇଁ ଜଙ୍ଗଲର ଗୁରୁତ୍ୱ ଦୃଷ୍ଟିରୁ ଆମେ ଅଧିକରୁ ଅଧିକ ଗଛ ଲଗାଇବା ଉଚିତ୍ । ଏବେ ଯେଉଁ ସବୁ ଅଞ୍ଚଳରେ ଜଙ୍ଗଲ ଅଛି,

ସେଗୁଡ଼ିକର ସୁରକ୍ଷା କରିବା ଜରୁରୀ। ଏ ବିଷୟରେ ଆମେ ଜନ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ବନ ମହୋତ୍ସବ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଆସ ଅଧିକ ଲୋକଙ୍କୁ ବୃକ୍ଷ ସୁରକ୍ଷା ପାଇଁ ସଚେତନ କରାଇବା। ଆମ ପୃଥିବୀକୁ ସବୁଜ ସୁନ୍ଦର କରି ଗଢ଼ି ତୋଳିବା ଆମ ସମସ୍ତଙ୍କର ଦାୟିତ୍ୱ।

## ବନ୍ୟପ୍ରାଣୀ

ଜଙ୍ଗଲ ହିଁ ଅନେକ ପ୍ରକାର ପ୍ରାଣୀଙ୍କର ବାସସ୍ଥାନ। ହଜାର ହଜାର ପ୍ରଜାତିର ପ୍ରାଣୀ ଓ ବହୁ ପ୍ରକାର ପ୍ରଜାତିର ସରୀସୃପ, ଉଭୟଚର ପ୍ରାଣୀ, ପକ୍ଷୀ ଓ କୀଟପତଙ୍ଗ ଜଙ୍ଗଲରେ ରହିଥାଆନ୍ତି। କେତେକ ପ୍ରାଣୀ ଦେଶର ସବୁଆଡ଼େ ଦେଖାଯାଆନ୍ତି। ତେବେ ଅଧିକାଂଶ ପ୍ରାଣୀ ନିର୍ଦ୍ଦିଷ୍ଟ ଅଞ୍ଚଳମାନଙ୍କରେ ଦେଖାଯାଆନ୍ତି।

**ତୁମ ପାଇଁ କାମ**

ଯଦି ତୁମ ଘର ପାଖ ସହରରେ ଚିଡ଼ିଆଖାନା ବା ଅଭୟାରଣ୍ୟ ଅଛି, ତେବେ ଗୁରୁଜନଙ୍କ ସାଙ୍ଗରେ ଯାଇ ସେଠାରେ ଥିବା ଭିନ୍ନ ଭିନ୍ନ ପ୍ରାଣୀଙ୍କୁ ଦେଖ ଓ ସେମାନଙ୍କର ନାମ ଲେଖ।


ବାଘ


ଗଣ୍ଡା


ସିଂହ


ଗଧିଆ

**ବାଘ** ଆମର ଜାତୀୟ ପଶୁ। ଏହା ଦେଶର ବିଭିନ୍ନ ସ୍ଥାନରେ ଦେଖାଯାଏ। ଗୁଜୁରାଟର ଗୀର୍ ଜଙ୍ଗଲ ଏସିଆ ସିଂହର ବାସସ୍ଥଳୀ। ହାତୀ ଓ ଏକ ଶିଙ୍ଗ ବିଶିଷ୍ଟ ଗଣ୍ଡା ଆସାମ ଜଙ୍ଗଲରେ ଦେଖାଯାଆନ୍ତି। ଓଡ଼ିଶା, କେରଳ ଓ କର୍ଣ୍ଣାଟକରେ ମଧ୍ୟ ହାତୀ ଦେଖାଯାଆନ୍ତି। ହିମାଳୟ ପାର୍ବତ୍ୟାଞ୍ଚଳ ବଣ୍ୟଛେଳି, ଭାଲୁ ଓ ବରଫ ଚିତାବାଘର ବାସସ୍ଥାନ। ସେହିପରି ପଶ୍ଚିମବଙ୍ଗର ସୁନ୍ଦରବନ ମହାବଳ ବାଘର ଆଡ୍ଡାସ୍ଥଳୀ। ଏହା ବ୍ୟତୀତ ମାଙ୍କଡ଼, ଗଧିଆ, କୋକିଶିଆଳୀ, ନୀଳଗାଈ ଆଦି ନାନାପ୍ରକାର ପ୍ରାଣୀ ଭାରତରେ ଦେଖାଯାନ୍ତି।

ଆମ ଦେଶରେ ନାନା ପ୍ରଜାତିର ପକ୍ଷୀ ଦେଖାଯାନ୍ତି। **ମୟୂର** ଆମର ଜାତୀୟ ପକ୍ଷୀ। ସାରସ, ଚିଲ ଓ ବୁଲ୍‌ବୁଲ୍ ଆଦି ପକ୍ଷୀ ଭାରତରେ ଦେଖାଯାନ୍ତି। ଆମ ଦେଶରେ ସାଧାରଣ ଭାବେ ଦେଖାଯାଉଥିବା ପକ୍ଷୀଗୁଡ଼ିକ ମଧ୍ୟରେ ପାରା, ଶୁଆ, ମୈନା, ହଂସ, କୁଆ, କୋଇଲି ଓ ବତକ ଆଦି ପ୍ରଧାନ।


ମୟୂର

ଆମ ରାଜ୍ୟର ଚିଲିକା ହ୍ରଦକୁ ଶୀତଦିନେ ବିଦେଶରୁ ବହୁ ସଂଖ୍ୟାରେ ପକ୍ଷୀ ଆସିଥାଆନ୍ତି । ପକ୍ଷୀମାନଙ୍କୁ ସେମାନଙ୍କ ପ୍ରାକୃତିକ ଆବାସସ୍ଥଳୀରେ ସୁରକ୍ଷିତ ରଖିବାପାଇଁ ଅନେକଗୁଡ଼ିଏ ପକ୍ଷୀ ବିହାର ରହିଛି । ଏଠାରେ ପକ୍ଷୀ ଶିକାରକୁ ନିଷିଦ୍ଧ କରାଯାଇଛି । ତୁମ ଅଞ୍ଚଳରେ ଦେଖାଯାଉଥିବା ପାଞ୍ଚଟି ପକ୍ଷୀର ନାମ ଲେଖ ।



**ଚିଲିକା ହ୍ରଦ**

**ତୁମ ପାଇଁ କାମ**

ଓଡ଼ିଶାର ବିଭିନ୍ନ ଅଭୟାରଣ୍ୟ ଓ ସେଗୁଡ଼ିକରେ ସଂରକ୍ଷିତ ପ୍ରାଣୀମାନଙ୍କର ନାମ ଲେଖ ।

ଭାରତରେ ବିଭିନ୍ନ ପ୍ରକାର ସାପ ଦେଖାଯାନ୍ତି । ସେଗୁଡ଼ିକ ମଧ୍ୟରେ ଅଜଗର, ଅହିରାଜ, ନାଗ ଓ ଚିତି ବେଶୀ ଗୁରୁତ୍ୱପୂର୍ଣ୍ଣ । ଜଙ୍ଗଲକ୍ଷୟ ଓ ଶିକାର କାରଣରୁ ବହୁ ପ୍ରଜାତିର ବଣ୍ୟ ପଶୁଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ସେଥିମଧ୍ୟରୁ କେତେକ ସମ୍ପୂର୍ଣ୍ଣ ବିଲୋପ ପାଇଲେଣି ।



**ଚିଲିକା ହ୍ରଦର ପକ୍ଷୀ ଅଭୟାରଣ୍ୟ**

ବନ୍ୟପ୍ରାଣୀ ଆମ ପ୍ରାକୃତିକ ପରିବେଶର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ମାନବସମାଜ ପାଇଁ ଏମାନଙ୍କର ସୁରକ୍ଷା ନିତାନ୍ତ ଆବଶ୍ୟକ । ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସାରାଦେଶରେ ଅନେକ ଜାତୀୟ ଉଦ୍ୟାନ, ଅଭୟାରଣ୍ୟ ଓ ଜୈବମଣ୍ଡଳ ସଂରକ୍ଷିତ ଅଞ୍ଚଳମାନ ପ୍ରତିଷ୍ଠା କରାଯାଇଛି । **'ପକ୍ଷୀ ଅଭୟାରଣ୍ୟ'**, **'ବ୍ୟାଘ୍ର ପ୍ରକଳ୍ପ'** ଓ **'ହସ୍ତୀ ପ୍ରକଳ୍ପ'** ମାଧ୍ୟମରେ ଏହି ପ୍ରାଣୀମାନଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଉଦ୍ୟମ କରୁଛନ୍ତି । ଆମ ରାଜ୍ୟରେ ବନ୍ୟପ୍ରାଣୀ ସୁରକ୍ଷା ପାଇଁ କି କି ପଦକ୍ଷେପମାନ ନିଆଯାଇଛି ଜାଣିଛ କି ?

ଆମେମାନେ ମଧ୍ୟ ବନ୍ୟପ୍ରାଣୀ ସୁରକ୍ଷାରେ ସହଯୋଗ କରିପାରିବା ।ଆମେ ବନ୍ୟପ୍ରାଣୀଙ୍କ ହାଡ଼, ଶିଙ୍ଗ, ଚମଡ଼ା, ଲୋମ ବା ପରରେ ତିଆରି ଜିନିଷ କିଣିବା ନାହିଁ। ଆମେ ଯେଉଁମାନେ ଜଙ୍ଗଲ ଆଖପାଖରେ ରହୁଛେ, ପ୍ରାଣୀ ଶିକାରୀମାନଙ୍କୁ ନିରୁତ୍ସାହିତ କରିପାରିବା । ପ୍ରତିବର୍ଷ ଅକ୍ଟୋବର ମାସ ପ୍ରଥମ ସପ୍ତାହରେ ଆମେ **ବନ୍ୟପ୍ରାଣୀ ସପ୍ତାହ** ପାଳନ କରୁଛେ । ବନ୍ୟପ୍ରାଣୀଙ୍କ ଆବାସସ୍ଥଳୀକୁ ସୁରକ୍ଷା ଦେବା ନିମନ୍ତେ ଜନ ସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

## ଅଭ୍ୟାସ

**୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ।**

କ) କେଉଁ ବାୟୁ ଦ୍ୱାରା ଭାରତରେ ବୃଷ୍ଟିପାତ ହୋଇଥାଏ ? ଏହା କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ?

ଖ) ଭାରତରେ ଅନୁଭୂତ ଋତୁଗୁଡ଼ିକର ନାମ ଲେଖ।

ଗ) ପ୍ରାକୃତିକ ଉଦ୍ଭିଦ କାହାକୁ ବୁଝାଏ ?

ଘ) ଭାରତରେ ଦେଖାଯାଉଥିବା ବିଭିନ୍ନ ପ୍ରକାର ପ୍ରାକୃତିକ ଉଦ୍ଭିଦର ନାମ ଲେଖ।

ଙ) ଚିରହରିତ୍ ଅରଣ୍ୟ ଓ ପର୍ଣ୍ଣମୋଚୀ ଅରଣ୍ୟ ମଧ୍ୟରେ କି ପାର୍ଥକ୍ୟ ରହିଛି ?

ଚ) କ୍ରାନ୍ତୀୟ ବୃଷ୍ଟି ଅରଣ୍ୟକୁ ଚିରହରିତ୍ ଅରଣ୍ୟ କୁହାଯାଏ କାହିଁକି ?

**୨. ଠିକ୍ ଉତ୍ତର ପାଖରେ ✓ ଚିହ୍ନ ଦିଅ।**

କ) ପୃଥିବୀର ସର୍ବାଧିକ ବୃଷ୍ଟିପାତ ପାଉଥିବା ସ୍ଥାନ :

ମୁମ୍ବାଇ, ଜୟସାଲ୍‌ମେର, ମାଓସିନ୍‌ରାମ

ଖ) ମେହୋଗାନି ଓ ରୋଜ୍‌ଉଡ୍ ବୃକ୍ଷ ଦେଖାଯାଉଥିବା ଅରଣ୍ୟ :

ହେନ୍ତାଳ ବଣ, କ୍ରାନ୍ତୀୟ ପର୍ଣ୍ଣମୋଚୀ ଅରଣ୍ୟ, କ୍ରାନ୍ତୀୟ ଚିରହରିତ୍ ଅରଣ୍ୟ

ଗ) ହେନ୍ତାଳ ବଣ ବଢ଼ିବା ପାଇଁ ଆବଶ୍ୟକ :

ଲୁଣି ଜଳ, ମଧୁର ଜଳ, ଅପରିଷ୍କାର ଜଳ

ଘ) ବଣ୍ୟ ଛେଳି ଓ ବରଫ ଚିତାବାଘ ଦେଖାଯାଆନ୍ତି :

ଗିର୍ ଅରଣ୍ୟ, ହିମାଳୟ ଅଞ୍ଚଳ, ଉପଦ୍ୱୀପ ଅଞ୍ଚଳ

ଙ) ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବାହ ସମୟରେ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁର ପ୍ରବାହ :

ସମୁଦ୍ରରୁ ସ୍ଥଳଭାଗକୁ, ସ୍ଥଳଭାଗରୁ ସମୁଦ୍ରକୁ, ମାଳଭୂମିରୁ ସମତଳ ଅଞ୍ଚଳକୁ

**୩. ଶୂନ୍ୟସ୍ଥାନ ପୂରଣ କର।**

କ) ଗ୍ରୀଷ୍ମକାଳରେ ଉତ୍ତର ପଶ୍ଚିମ ଭାରତରେ ବହୁଥିବା ଉଷ୍ଣ ଓ ଶୁଷ୍କ ବାୟୁକୁ ________ କୁହାଯାଏ।

ଖ) ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଉପକୂଳରେ ________ ଋତୁରେ ଅଧିକ ବୃଷ୍ଟିପାତ ହୁଏ।

ଗ) ଗୁଜୁରାଟର ________ ଜଙ୍ଗଲ ________ ପ୍ରାଣୀର ବାସସ୍ଥଳୀ।

ଘ) ହେନ୍ତାଳ ବଣର ________ ମୁଖ୍ୟ ପ୍ରଜାତିର ବୃକ୍ଷ।

ଙ) ମୌସୁମୀ ଅରଣ୍ୟ ଭାବେ ________ କୁ କୁହାଯାଏ।



## ତୁମ ପାଇଁ କାମ



- ତୁମ ଆଖପାଖରେ ବଢୁଥିବା ଗଛଗୁଡ଼ିକର ନାମ ଲେଖ । ବିଭିନ୍ନ ପ୍ରକାର ବୃକ୍ଷଲତା, ଜୀବଜନ୍ତୁ ଓ ପକ୍ଷୀମାନଙ୍କର ଛବି ସଂଗ୍ରହ କରି ତୁମ ଖାତାରେ ଲଗାଅ ।
- ତୁମ ବଗିଚାରେ ବା ଘର ପାଖ ଜାଗାରେ ଏକ ଛୋଟ ଚାରା ଗଛ ଲଗାଅ । ପ୍ରତିଦିନ ଏଥିରେ ପାଣି ଦିଅ । ଗଛରେ ହେଉଥିବା ପରିବର୍ତ୍ତନକୁ ଲକ୍ଷ୍ୟକର ଓ ମାସେ ଦୁଇମାସ ପର୍ଯ୍ୟନ୍ତ ଏହାକୁ ଖାତାରେ ଟିପି ରଖ ।
- ତୁମ ଅଞ୍ଚଳକୁ ବାହାର ଅଞ୍ଚଳର ପକ୍ଷୀ ଆସୁଛନ୍ତି କି ? ଏମାନଙ୍କୁ ଚିହ୍ନଟ କର । ମୁଖ୍ୟତଃ ଶୀତଦିନେ ଅଧିକ ଦୃଷ୍ଟି ଦିଅ ।
- ଯଦି ତୁମ ଘର ପାଖ ସହରରେ ଚିଡ଼ିଆଖାନା ଅଛି ବା ଜଙ୍ଗଲ ଅଛି ବା ଅଭୟାରଣ୍ୟ ଅଛି ତେବେ ଗୁରୁଜନଙ୍କ ସାଙ୍ଗରେ ଯାଇ ସେଠାରେ ଥିବା ଭିନ୍ନ ଭିନ୍ନ ପ୍ରାଣୀଙ୍କୁ ଦେଖ ଓ ସେଗୁଡ଼ିକର ନାମ ଲେଖ ।

# ଭାରତର ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସମୂହ

| ରାଜ୍ୟ | ରାଜଧାନୀ | ରାଜ୍ୟ | ରାଜଧାନୀ |
|---|---|---|---|
| ଅରୁଣାଚଳ ପ୍ରଦେଶ | ଇଟାନଗର | ମହାରାଷ୍ଟ୍ର | ମୁମ୍ବାଇ |
| ଆସାମ | ଦିସ୍‌ପୁର | ମଣିପୁର | ଇମ୍ଫାଲ୍ |
| ବିହାର | ପାଟ୍‌ନା | ମେଘାଳୟ | ଶିଲଂ |
| ଛତିଶଗଡ଼ | ରାୟପୁର | ମିଜୋରାମ | ଆଇଜଲ୍ |
| ଗୋଆ | ପାନାଜି | ନାଗାଲାଣ୍ଡ | କୋହିମା |
| ଗୁଜୁରାଟ | ଗାନ୍ଧିନଗର | ଓଡ଼ିଶା | ଭୁବନେଶ୍ୱର |
| ହରିଆନା | ଚଣ୍ଡୀଗଡ | ପଞ୍ଜାବ | ଚଣ୍ଡୀଗଡ଼ |
| ହିମାଚଳପ୍ରଦେଶ | ସିମ୍‌ଲା | ରାଜସ୍ଥାନ | ଜୟପୁର |
| ଜାମ୍ମୁ ଓ କାଶ୍ମୀର | ଶ୍ରୀନଗର | ସିକିମ୍ | ଗାଙ୍ଗଟକ୍ |
| ଝାଡ଼ଖଣ୍ଡ | ରାଞ୍ଚି | ତାମିଲନାଡୁ | ଚେନ୍ନାଇ |
| କର୍ଣ୍ଣାଟକ | ବେଙ୍ଗାଲୁରୁ | ଉତ୍ତରାଖଣ୍ଡ | ଡେରାଡୁନ୍ |
| କେରଳ | ଥିରୁଅନନ୍ତପୁରମ୍ | ଉତ୍ତରପ୍ରଦେଶ | ଲକ୍ଷ୍ନୌ |
| ମଧ୍ୟପ୍ରଦେଶ | ଭୋପାଳ | ତ୍ରିପୁରା | ଅଗରତାଲା |
| ସୀମାନ୍ଧ୍ର | ହାଇଦ୍ରାବାଦ (ପରବର୍ତ୍ତୀ ସମୟରେ ସୀମାନ୍ଧ୍ରର ରାଜଧାନୀ ବିଜୟୱାଡା ହେବ) | ପଶ୍ଚିମବଙ୍ଗ | କୋଲକାତା |
| | | ତେଲେଙ୍ଗାନା | ହାଇଦ୍ରାବାଦ |

| କେନ୍ଦ୍ରଶାସିତ ଅଞ୍ଚଳ | ରାଜଧାନୀ |
|---|---|
| ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ | ପୋର୍ଟବ୍ଲେୟାର |
| ଚଣ୍ଡୀଗଡ଼ | ଚଣ୍ଡୀଗଡ଼ |
| ଦାଦ୍ରା ଓ ନଗରହାଭେଲୀ | ସିଲ୍‌ଭାସା |
| ଦାମନ୍ ଓ ଡିଉ | ଦାମନ |
| ଲାକ୍ଷାଦ୍ୱୀପ | କାଭାରାତି |
| ପୁଡୁଚେରୀ | ପୁଡୁଚେରୀ |
| ଜାତୀୟ ରାଜଧାନୀ କ୍ଷେତ୍ର ଦିଲ୍ଲୀ | ଦିଲ୍ଲୀ |